Odia Daily

www.theutkalsamachar.com

# ଉତ୍କଳ ସମାଚାର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR








# ଓଡ଼ିଶା ଆତ୍ମନିର୍ଭର ଭାରତର ଲଚଂପ୍ୟାଡ୍ ହେବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୯/୪(ନି/ପ୍ର): ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଉ ଏକ ପାଦେ ଆଗେଇଛି ଓଡ଼ିଶା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ଆତ୍ମବିଶ୍ୱାସ ଏବଂ ଇଛାଶକ୍ତି ବଳରେ ଓଡ଼ିଶାର ଶିଳ୍ପ ବିପ୍ଳବ ଯାତ୍ରାରେ ଆଜି ଆଉ ଏକ ଐତିହାସିକ ଅଧ୍ୟାୟ ଯୋଡ଼ା ହୋଇଛି । ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ରେଳ ମନ୍ତ୍ରୀ ଖୋର୍ଦ୍ଧା ଜିଲ୍ଲାର ଇନ୍ ?ଫୋ ଭ୍ୟାଲି ଠାରେ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥାର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ୟୁନିଟ୍ ପାଇଁ ଶିଳାନ୍ୟାସ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରେ ଶିଳ୍ପ ଓ ରୋଜଗାର ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରି କହିଛନ୍ତି ଯେ ଓଡ଼ିଶା ପାଇଁ ଏକ ନୂତନ ବିକାଶର ଯୁଗର ଆରମ୍ଭ ହୋଇଛି । ଆଗାମୀ ସମୟରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ଏବଂ ଭବିଷ୍ୟତରେ ଏହାକୁ ଆଇଟି ହବ ଭାବେ ବିକଶିତ କରିବା ପାଇଁ ଆମ ପ୍ରୟାସ ଜାରି ରହିବ । ଆଜିର ଶିଳାନ୍ୟାସ ପ୍ରକୃତରେ ଓଡ଼ିଶାରେ ଏକ ବ୍ୟାପକ ସମୃଦ୍ଧି ଆଣିବ । ୩ଡ଼ି ଏକ୍ଷବଷ୍ଟ୍ୱ ୫କ୍ଟକ୍ଷଙ୍କସ୍ପସକ୍ଟଭର ଗ୍ଲାସ୍ ସବ୍ ଷ୍ଟ୍ରେଟ ପ୍ୟାକେଜିଙ୍ଗ ୟୁନିଟ୍ ର ପ୍ରଡକ୍ଟ ହେଉଛି ଦେଶରେ ପ୍ରଥମ ଏବଂ ଏହା ଓଡ଼ିଶାରେ ପ୍ରସ୍ତୁତ ହେବ । ଏହି ଟେକ୍ନୋଲୋଜି ଆଗକୁ ସେମିକଣ୍ଡକ୍ଟର ଶିଳ୍ପର ଭବିଷ୍ୟତ ଭାବେ ପ୍ରମାଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ । ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଦିନ କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ଟେକ୍ନୋଲୋଜିକାଲ ଲିଡରସିପ୍ ଯାତ୍ରା ପାଇଁ ମଧ୍ୟ ଏକ ସ୍ମରଣୀୟ ମୁହୂର୍ତ୍ତ। ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ ଆଡଭାନ୍ସଡ୍ ୩ଡ଼ି ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ସୁବିଧା ସୃଷ୍ଟି କରିବ । ଏହି ୟୁନିଟ୍‌ରେ ଉତ୍ପାଦିତ କମ୍ପୋନେଂଟଗୁଡ଼ିକ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ, ହାଇ ପର୍ଫର୍ମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି ବିକାଶଶୀଳ କ୍ଷେତ୍ରରେ ଗୁରୁତ୍ୱ ଅର୍ଜନ କରିବ । ସେ ଆହୁରି କହିଥିଲେ ଯେ, ବିଶ୍ୱସ୍ତରୀୟ ସଂସ୍ଥାମାନେ ସହ ଯୋଡିହେବା ଓଡ଼ିଶା ପ୍ରତି ବିଶ୍ୱର ବୃଦ୍ଧି ପାଉଥିବା ଭରସାର ପ୍ରମାଣ । ଓଡ଼ିଶା ଆଜି ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ ହୋଇପାରିଛି । ସୂଚନାଯୋଗ୍ୟ ଯେ ପ୍ରାୟ ୨ ହଜାର କୋଟି ଟଙ୍କା ନିବେଶରେ ସ୍ଥାପିତ ହେଉଥିବା ଏହି ପ୍ରକଳ୍ପ ବର୍ଷକୁ ୭୦ ହଜାର ଗ୍ଲାସ୍ ପ୍ୟାନେଲ, ୫୦ ମିଲିୟନ ଆସେମ୍ବଲ୍ଡ ୟୁନିଟ୍ ଏବଂ ୧୩,୨୦୦ ଅତ୍ୟାଧୁନିକ ୩ଡ଼ିଐଓ ମଡ୍ୟୁଲ୍ ଉତ୍ପାଦନ କରିବ । ଏହା ଦ୍ୱାରା ରାଜ୍ୟରେ ପ୍ରାୟ ୨,୫୦୦ ନିଯୁକ୍ତି ସୃଷ୍ଟି ହେବ । ସେ କହିଥିଲେ ଯେ, ଓଡ଼ିଶାରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଏପର୍ଯ୍ୟନ୍ତ ୧୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ ଆସିସାରିଛି । ସଂସ୍ଥାମାନେ ପୂର୍ବରୁ ରାଜ୍ୟରେ ୟୁନିଟ୍ ସ୍ଥାପନ କରିଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ଭିଜନରେ ଓଡ଼ିଶା ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ । ପୂର୍ବ ଭାରତରେ ଓଡ଼ିଶା ଆତ୍ମନିର୍ଭର ଭାରତର ଲଚଂପ୍ୟାଡ୍ ହେବ ବୋଲି ସେ କହିଥିଲେ ।ଓଡ଼ିଶା କାହିଁକି ନିବେଶକମାନଙ୍କର ପ୍ରଥମ ପସନ୍ଦ, ତାହାର ୫ଟି କାରଣ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିପୁଳ ପ୍ରାକୃତିକ ସମ୍ବଳ, ବିଶ୍ୱସ୍ତରୀୟ ଭିତ୍ତିଭୂମି, ଦକ୍ଷ ଯୁବଶକ୍ତି, ଶକ୍ତିଶାଳୀ କନେକ୍ଟିଭିଟି ଏବଂ ରେସ୍ପନସିଭ୍ ଗଭର୍ଣ୍ଣାନ୍ସ ।ମୁଖ୍ୟମନ୍ତ୍ରୀ ଯୁବପିଢ଼ୀଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଏହା ଓଡ଼ିଶାର ଛାତ୍ରଛାତ୍ରୀ ଓ ଇଞ୍ଜିନିୟରମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗର ସମୟ । ସେମାନେ ନିଜକୁ ଦକ୍ଷ କରି ଏହି ଉଦୟମାନ କ୍ଷେତ୍ରରେ ଅଗ୍ରସର ହେବାକୁ ସେ ଆହ୍ୱାନ କରିଥିଲେ ।

# ବିଜେପି ପାର୍ଟି ଅଫିସରେ ରାଜ୍ୟ ପଦାଧିକାରୀ ବୈଠକ

## ପଚାଂୟତ ନିର୍ବାଚନ ନେଇ ପ୍ରସ୍ତୁତ ବ୍ଲୁ ପ୍ରିଂଟ



ଭୁବନେଶ୍ୱର ୧୯/୪(ନି/ପ୍ର): ବିଜେପି ପାର୍ଟି ଅଫିସରେ ରାଜ୍ୟ ପଦାଧିକାରୀ ବୈଠକରେ ପଚାଂୟତ ନିର୍ବାଚନ ପାଇଁ ପ୍ରସ୍ତୁତ ହେଲା ରୋଡ୍ ମ୍ୟାପ୍ । ନିର୍ବାଚନ ପୂର୍ବରୁ ବୁଥସ୍ତର ପର୍ଯ୍ୟନ୍ତ ସଂଗଠନକୁ ମଜବୁତ କରିବାକୁ ବ୍ଲୁ ପ୍ରିଂଟ । ଜିଲ୍ଲାସ୍ତରରେ ଅନୁଷ୍ଠିତ ପ୍ରଶିକ୍ଷଣ ପର୍ବ ଅନୁଷ୍ଠିତ ହେବ ।ସବୁ ବୁଥ, ସବୁ ମଣ୍ଡଳରେ ମନ କି ବାତ କାର୍ଯ୍ୟକ୍ରମ ହେବ ।ପ୍ରତି ମାସରେ ମଣ୍ଡଳ ବୈଠକ ବସିବ ।ମେ’ ୧ରୁ ମେ’ ଶେଷ ସୁଦ୍ଧା ୩୭ଟି ସାଙ୍ଗଠନିକ ଜିଲ୍ଲାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବ । ଏନେଇ ବିଜେପି ସାଧାରଣ ସମ୍ପାଦକ ବିରଚିଂ ତ୍ରିପାଠୀ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ଆଗାମୀ ଦିନରେ ଦଳର ଜିଲ୍ଲାର ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ ହେବ । ସେ ବାବଦରେ ବିସ୍ତୃତ ଭାବେ ଆଲୋଚନା ଚାଲିଛି । ସାଙ୍ଗଠନିକ ଦୃଷ୍ଟିରୁ ଶକ୍ତି କେନ୍ଦ୍ର ଓ ମଣ୍ଡଳ କମିଟି ବାବଦରେ ବି ଆଲୋଚନା କରାଯାଇଛି । ବିଜେପି ସବୁସମୟରେ ସମସ୍ତ ନିର୍ବାଚନ ପାଇଁ ପ୍ରସ୍ତୁତ ଅଛି । ସଙ୍ଗଠନକୁ ବୁଥସ୍ତର ପର୍ଯ୍ୟନ୍ତ ଚଳଚଂଚଳ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି । ସବୁ ବୁଥ, ସବୁ ମଣ୍ଡଳରେ କେମିତି ମନ କି ବାତ କାର୍ଯ୍ୟକ୍ରମ ହେବ । ପ୍ରତି ମାସରେ ମଣ୍ଡଳ ବୈଠକ ହେବ । ସେ ଉପରେ ବିସ୍ତୃତ ଆଲୋଚନା ହେଉଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଚାଂଇବା ପାଇଁ ଯୋଜନା ହେଉଛି । ମେ’ ୧ରୁ ମେ’ ଶେଷ ସୁଦ୍ଧା ସମସ୍ତ ୩୭ଟି ସାଙ୍ଗଠନିକ ଜିଲ୍ଲାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହେବ ।ବିଜେପି ରାଜ୍ୟ କାର୍ଯ୍ୟାଳୟ ବସିଥିବା ବେ ?ଠକରେ ଦଳର ସମସ୍ତ ପଦାଧିକାରୀ ଓ ରାଜ୍ୟ ନେତୃବୃନ୍ଦଙ୍କୁ ନେଇ ବୈଠକ ଉପସ୍ଥିତ ଥିଲେ । ଏଥିରେ ସଭାପତି, ଦୁଇ ଉପ ମୁଖ୍ୟମନ୍ତ୍ରୀ, ପ୍ରଭାରୀ ଉପସ୍ଥିତ ଥିଲେ । ବିଶେଷକରି ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲୁ, ୧୦୫୨ ମଣ୍ଡଳର ପ୍ରଶିକ୍ଷଣ ବର୍ଗ କେମିତି ହେଲା ? ପ୍ରତିଷ୍ଠା ଦିବସ, ଭୀମରାଓ ଆମ୍ବେଦକର ଜୟନ୍ତୀ କାର୍ଯ୍ୟକ୍ରମ ଆଦି ଜିଲ୍ଲା, ମଣ୍ଡଳ ଓ ବୁଥ ସ୍ତରରେ କେମିତି କାର୍ଯ୍ୟକ୍ରମ ହେଲା, ସେନେଇ ବିସ୍ତୃତ ଭାବେ ଚର୍ଚ୍ଚା ହେଲା । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ରାଜ୍ୟ ପଦାଧିକାରୀ ଓ ପ୍ରଭାରୀଙ୍କୁ ନେଇ ବୈଠକ ଆରମ୍ଭ ହୋଇଛି । ଦୀର୍ଘ ଦୁଇ ଘଟାଂ ବୈଠକ ହୋଇଛି ।

# ଫେମିନା ମିସ୍ ଇଣ୍ଡିଆ ମୁକୁଟ ପିନ୍ଧିଲେ ସାଧ୍ୱୀ ସତିଶ



ଭୁବନେଶ୍ୱର, ୧୯/୪(ନି/ପ୍ର): ଭୁବନେଶ୍ୱରରେ ଚାଲିଥିବା ୬୧ତମ ଫେମିନା ମିସ ଇଣ୍ଡିଆ ପ୍ରତିଯୋଗିତାର ଗ୍ରାଣ୍ଡ ଫିନାଲେ ଶନିବାର ରାତିରେ ଶେଷ ହୋଇଛି । ପ୍ରତିଯୋଗିତାରେ ବିଜୟିନୀ ହୋଇ ମୁକୁଟ ପିନ୍ଧିଛନ୍ତି ଗୋଆର ସାଧ୍ୱୀ ସତିଶ ସାଇଲ । ଚୂଡ଼ାନ୍ତ ପର୍ଯ୍ୟାୟ ପରେ ଜୁରୀମାନେ ତାଙ୍କ ନାମ ଫେମିନା ମିସ୍ ଇଣ୍ଡିଆ ଭାବେ ଘୋଷଣା କରିବା ପରେ ମଚଂରେ ଝଲସି ଉଠିଥିଲେ ସୁନ୍ଦରୀ ସତିଶ ।ପ୍ରତିଯୋଗିତାରେ ପ୍ରଥମ ରନର୍ସ ଅପ୍ ହୋଇଛନ୍ତି ମହାରାଷ୍ଟ୍ରର ରାଜନନ୍ଦିନୀ ପାୱାର ଏବଂ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି କେନ୍ଦ୍ର ଶାସିତ ଅଚଂଳର ଶ୍ରୀଅଦ୍ୱୈତ ଜି । ଚୂଡ଼ାନ୍ତ ପର୍ଯ୍ୟାୟକୁ ୮ ଜଣ ପ୍ରତିଯୋଗୀ ଉନ୍ନୀତ ହୋଇଥିଲେ । ଏମାନଙ୍କ ସହ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କିଟ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଏହି ବିଶାଳ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସମେତ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଉପସ୍ଥିତ ଥିଲେ । ବଲିଉଡର ପ୍ରଖ୍ୟାତ ଅଭିନେତ୍ରୀ ଜିନତ ଅମନ୍, ଦକ୍ଷିଣ ଫିଲ୍ମ ଅଭିନେତ୍ରୀ ସିମରନ, ନେହା ଧୂପିଆ, ନିର୍ଦ୍ଦେଶକ ମଧୁର ଭଣ୍ଡାରେକର, ଗାୟକ ଅମଲ ମଲିକ, ଈଶାନ ଖଟର, ଟେରେନ୍ସ ଲୁଇସ ପ୍ରମୁଖ ଉପସ୍ଥିତ ଥିଲେ ।

## ଟିଏମ୍‌ସି ବିଧାୟକଙ୍କ ଘରେ ଆୟକର ଚଢ଼ଉ



କଲକାତା,୧୯/୪: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ଆୟକର ବିଭାଗ ପକ୍ଷରୁ ଶୁକ୍ରବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଏକାଧିକ ନେତା, ବିଧାୟକଙ୍କ ବାସଭବନ ଉପରେ ଚଢଉ କରାଯାଇଛି । ଏମାନଙ୍କ ମଧ୍ୟରେ ଟିଏମ୍‌ସି ବିଧାୟକ ଦେବାଶିଷ କୁମାର ମଧ୍ୟ ସାମିଲ ଅଛନ୍ତି । ଦେବାଶିଷ ରାସବିହାରୀ ଆସନରୁ ଏଥର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଗତ ସପ୍ତାହରେ ଦେବାଶିଷଙ୍କ ବାସଭବନ ଓ କାର୍ଯ୍ୟାଳୟ ଉପରେ ଇଡି ଚଢଉ କରିଥିଲା । ଅପରପକ୍ଷରେ ଆୟକର ଚଢଉର ଶିକାର ହୋଇଥିବା ଅନ୍ୟ ଟିଏମ୍‌ସି ନେତାମାନେ ହେଲେ ମିରାଜ ଶାହା ଓ କୁମାର ଶାହା । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥର ଭବାନୀପୁର ଆସନରୁ ନିର୍ବାଚନ ଲଢୁଥିବାବେଳେ ମମତାଙ୍କ ପ୍ରାର୍ଥିପତ୍ରରେ ମିରାଜ ପ୍ରସ୍ତାବକ ରହିଛନ୍ତି ।ନିର୍ବାଚନର ଅବ୍ୟବହିତ ପୂର୍ବରୁ ଟିଏମ୍‌ସି ନେତାଙ୍କ ଘରେ ଆୟକର, ଇଡି ଚଢଉକୁ ମମତା ତୀବ୍ର ସମାଲୋଚନା କରିଛନ୍ତି । ପରାଜୟ ଭୟରେ ବିଜେପି ଏଭଳି ରଣନୀତି ଅବଲମ୍ବନ କରୁଥିବା ମମତା ଅଭିଯୋଗ କରିଛନ୍ତି ।

# ଅସ୍ତ୍ରବିରତି ମଧ୍ୟରେ ଇସ୍ରାଏଲ ଟାଣିଲା ନୂଆ ୟେଲୋ ଲାଇନ୍ :

## ଆରମ୍ଭ କଲା ଜୋରଦାର୍ ଆକ୍ରମଣ



ଜେରୁଜେଲମ,୧୯/୪: ଏପ୍ରିଲ ୧୬ରେ ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ଆରମ୍ଭ ହୋଇଥିବା ଅସ୍ତ୍ରବିରତିର ଉଲ୍ଲଂଘନ ନେଇ ରିପୋର୍ଟ ସାମ୍ନାକୁ ଆସିଛି । ଇରାନ ଅନୁଯାୟୀ, ଇସ୍ରାଏଲୀ ସେନା ଲେବାନନରେ ଏକ ନୂତନ ୟେଲୋ ସୀମା ରେଖା ଟାଣିଛି । ନିଜ ପାଇଁ ବିପଦ ମଣୁଥିବା ଦକ୍ଷିଣରେ ଥିବା ସ୍ଥଳଗୁଡ଼ିକ ଉପରେ ଇସ୍ରାଏଲୀ ସେନା ପୁଣି ଆକ୍ରମଣ ଆରମ୍ଭ କରିଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ରବିବାର ଇସ୍ରାଏଲ ଦୁଇଟି ବିମାନ ଆକ୍ରମଣ କରିଛି । ଅନେକ ଗ୍ରାମ ଉପରେ ଲଗାତାର ତୋପ ଏବଂ ମେସିନ ଗନ୍ ଗୁଳି ଚଳାଇଥିଲା । ଏହି ଆକ୍ରମଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଜବୁଲ୍ଲାଙ୍କ ଏକ ଶିବିରକୁ ଟାର୍ଗେଟ କରିଛି । ହେଜବୁଲ୍ଲା ସଦସ୍ୟମାନେ ଇସ୍ରାଏଲ ଦ୍ୱାରା ଟଣାଯାଇଥିବା ନୂଆ ୟେଲୋ ରେଖା ଆଡକୁ ମୁହାଁଇଥିଲେ କିନ୍ତୁ ଏହାକୁ ଅତିକ୍ରମ କରି ପାରି ନଥିଲେ । ଦ୍ୱିତୀୟ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କୁ ଟାର୍ଗେଟ କରାଯାଇଥିଲା ଯିଏ ୟେଲୋ ଲାଇନ୍ ?ର ଦକ୍ଷିଣରେ ଥିବା ଏକ ସୁଡ଼ଙ୍ଗର ପ୍ରବେଶ ଦ୍ୱାର ନିକଟକୁ ଆସୁଥିଲେ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଇସ୍ରାଏଲ କହିଛି, ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଛି ଏବଂ ସୁଡ଼ଙ୍ଗର ପ୍ରବେଶ ଦ୍ୱାରକୁ ନଷ୍ଟ କରାଯାଇଛି । ଜଣେ ଇସ୍ରାଏଲୀ ସାମରିକ ମୁଖପାତ୍ର ମଧ୍ୟ କହିଛନ୍ତି, ଏହି ପଦକ୍ଷେପ ଅସ୍ତ୍ରବିରତିର ଉଲ୍ଲଂଘନ କରିନାହିଁ। ଆମେରିକାର ବୈଦେଶିକ ବିଭାଗ ଦ୍ୱାରା ପ୍ରକାଶିତ ଚୁକ୍ତିନାମା ଅନୁସାରେ, ଇସ୍ରାଏଲ ଆତ୍ମ-ରକ୍ଷା ପାଇଁ ଭାବୁଥିବା ପରିସ୍ଥିତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ । ଏହା ବ୍ୟତୀତ, ଇସ୍ରାଏଲ୍ ଲେବାନନର ୫୫ଟି ଗ୍ରାମ ଉପରେ ନିଜର ଦଖଲ ଜାରି ରଖିପାରିବ । ବେରୁଟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ହେଜବୁଲ୍ଲା ନେତା ନଇମ କାସେମ ଏହି ବ୍ୟବସ୍ଥାକୁ ସମାଲୋଚନା କରି ଏହାକୁ ଲେବାନନ ପ୍ରତି ଅପମାନ ବୋଲି କହିଛନ୍ତି । ସେ ଚେତାବନୀ ଦେଇଛନ୍ତି, କୂଟନୈତିକ ପ୍ରୟାସ ଜାରି ରହିଥିବା ବେଳେ ତାଙ୍କ ଗୋଷ୍ଠୀ ଇସ୍ରାଏଲୀ ଆକ୍ରମଣକୁ ସହ୍ୟ କରିବ ନାହିଁ । ସେ କହିଛନ୍ତି, ଦକ୍ଷିଣ ଲେବାନନରେ ଅନେକ ଲୋକ ଏବେ ବି ରାସ୍ତାରେ ଅଛନ୍ତି, ସେମାନେ ନିଜ ନିଜ ଗାଁକୁ ଫେରୁଛନ୍ତି । ଅସ୍ତ୍ରବିରତି ଅଧିକ ସମୟ ପର୍ଯ୍ୟନ୍ତ ରହିବ ନାହିଁ ବୋଲି ଆଶଙ୍କା କରି ବହୁ ଲୋକ ମଧ୍ୟ ବିସ୍ଥାପିତ ଶିବିରକୁ ଫେରୁଥିବା ସେ କହିଛନ୍ତି । ଇସ୍ରାଏଲୀ ସେନା ଅନୁଯାୟୀ, ଗତ ୨୪ ଘଟାଂ ମଧ୍ୟରେ, ଦକ୍ଷିଣ ଲେବାନନର ୟେଲୋ ଲାଇନ୍‌ର ଦକ୍ଷିଣରେ ମୁତୟନ ହୋଇଥିବା ଆଇଡିଏଫ୍ ସୈନିକମାନେ କିଛି ଆତଙ୍କବାଦୀଙ୍କୁ ଚିହ୍ନଟ କରିଛନ୍ତି ସେମାନେ ଅସ୍ତ୍ରବିରତିର ସର୍ତ୍ତାବଳୀ ଉଲ୍ଲଂଘନ କରି ୟେଲୋ ଲାଇନ୍‌ର ଉତର ଦିଗରେ ସୈନିକଙ୍କ ଆଡ଼କୁ ଅଗ୍ରସର ହେଉଥିଲେ ।

# ମହିଳା ସଂରକ୍ଷଣ ବିଲ୍‌କୁ ନେଇ ପ୍ରଧାନମନ୍ତ୍ରୀ କଠୋର :



## ବିରୋଧୀଙ୍କ ପାପ ଅକ୍ଷମଣୀୟ

ନୂଆଦିଲ୍ଲୀ,୧୯/୪: ଲୋକସଭା ରେ ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍-୨୦୨୬ ଧରାଶାୟୀ ହେବା ପରେ ଦେଶର ରାଜନୈତିକ ବାତାବରଣ ସରଗରମ ହୋଇଛି । ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାତିରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିବା ସହ ଏହାକୁ ଭାରତର ନାରୀ ଶକ୍ତି ବିରୋଧରେ ବିରୋଧୀ ଦଳଙ୍କ ଏକ ଅକ୍ଷମଣୀୟ ପାପ ବୋଲି ଅଭିହିତ କରିଛନ୍ତି । ୨୦୨୯ ସୁଦ୍ଧା ମହିଳାମାନଙ୍କ ପାଇଁ ୩୩% ସଂରକ୍ଷଣକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଆସିଥିବା ଏହି ବିଲ୍ ?କୁ ୨୯୮ଟି ସମର୍ଥନ ମିଳିଥିଲେ ହେଁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ ଦୁଇ-ତୃତୀୟାଂଶ ବହୁମତ (୩୫୨ ଭୋଟ) ମିଳିପାରି ନଥିଲା । ଆଜି ପ୍ରଧାନମନ୍ତ୍ରୀ ବିରୋଧୀଙ୍କୁ ଚେତାବନୀ ଦେଇ କହିଛନ୍ତି, ଏହି ବିଶ୍ୱାସଘାତକତା ପାଇଁ ସେମାନଙ୍କୁ ଦେଶର ମହିଳାମାନେ ଉଚିତ ଦଣ୍ଡ ଦେବେ । ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ ଅତ୍ୟନ୍ତ ଭାବପ୍ରବଣ ହୋଇ କହିଥିଲେ ଯେ ଏହି ବିଲ୍‌ର ପରାଜୟ କେବଳ ଏକ ବୈଷୟିକ ବିଫଳତା ନୁହେଁ, ବରଂ ଏହା ମହିଳାଙ୍କ ମର୍ଯ୍ୟାଦା ପ୍ରତି ବିଶ୍ୱାସଘାତକତା । ମହିଳାମାନେ ଅନେକ କଥା ଭୁଲିଯାଇ ପାରନ୍ତି, କିନ୍ତୁ ସେମାନେ ନିଜର ଅପମାନକୁ କେବେ ବି ଭୁଲିବେ ନାହିଁ । ବିରୋଧୀଙ୍କୁ ଟାର୍ଗେଟ୍ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏକବିଂଶ ଶତାବ୍ଦୀର ମହିଳାମାନେ ସବୁକିଛି ତୀକ୍ଷ୍ଣ ନଜରରେ ଦେଖୁଛନ୍ତି । ଯେଉଁମାନେ ଏହି ବିଲ୍‌କୁ ବିରୋଧ କରି ମହିଳାଙ୍କ ସ୍ୱପ୍ନକୁ ଚୂରମାର କରିଛନ୍ତି ସେମାନଙ୍କୁ ଏହି ପାପ ପାଇଁ ନିଶ୍ଚିତ ଭାବେ ଦଣ୍ଡ ମିଳିବ ଏବଂ ଏଥିପାଇଁ ସେମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ମୂଲ୍ୟ ଦେବାକୁ ପଡ଼ିବ ।ପରିବାରବାଦୀ ଦଳଙ୍କୁ କଠୋର ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ପରି ଦଳଗୁଡ଼ିକ ମହିଳାଙ୍କ ଅଧିକାରକୁ ରୋକିବା ପାଇଁ ଏକାଠିହୋଇଛନ୍ତି । ମହିଳାଙ୍କ ଅଧିକାର ଛଡ଼ାଇ ନେବା ପରେ ସେମାନେ ତାଳି ମାରୁଥିଲେ ଏବଂ ହସୁଥିଲେ, ଯାହା ଭାରତର ପ୍ରତ୍ୟେକ ମହିଳାଙ୍କ ପ୍ରତି ଏକ ବଡ଼ ଅପମାନ । କଂଗ୍ରେସକୁ ନିଶାଣ କରି କରି ସେ କହିଛନ୍ତି, କଂଗ୍ରେସ ହେଉଛି ଏକ ପରଜୀବୀ ସଦୃଶ, ଯିଏ ଆଚଂଳିକ ଦଳଗୁଡ଼ିକୁ ଭିତରୁ ଦୁର୍ବଳ କରିଦିଏ । ଗତ ଚାରି ଦଶନ୍ଧି ଧରି ମହିଳା ସଂରକ୍ଷଣକୁ ବିଳମ୍ବ କରିଥିବା କଂଗ୍ରେସ ପାଖରେ ନିଜର ପାପ ପ୍ରାୟଶ୍ଚିତ କରିବାର ସୁଯୋଗ ଥିଲା । କିନ୍ତୁ ସେମାନେ ପୁଣି ଥରେ ନକାରାତ୍ମକ ରାଜନୀତିକୁ ବାଛିଲେ । ପ୍ରଧାନମନ୍ତ୍ରୀ ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଏନ୍‌ଡିଏ ସରକାରର ସଂସଦୀୟ ପରାଜୟ ପାଇଁ ଦେଶର ମହିଳାମାନଙ୍କୁ କ୍ଷମା ମାଗିଛନ୍ତି । ସେ କହିଛନ୍ତି, ମୁଁ ଭାରତର ମହିଳାମାନଙ୍କୁ କ୍ଷମା ମାଗୁଛି । ଆମର ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଆଜି ସେମାନଙ୍କ ପ୍ରଗତି ବାଧାପ୍ରାପ୍ତ ହୋଇଛି । ଏହି ବିଲ୍ ମହିଳାମାନଙ୍କୁ କିଛି ଦାନ କରିବା ପାଇଁ ନଥିଲା, ବରଂ ଦଶନ୍ଧି ଦଶନ୍ଧି ଧରି ସେମାନଙ୍କଠାରୁ ଛଡ଼ାଇ ନିଆଯାଇଥିବା ଅଧିକାରକୁ ଫେରାଇବା ପାଇଁ ଏକ ପ୍ରୟାସ ଥିଲା । ଯେଉଁମାନେ ନିଜକୁ ସମ୍ବିଧାନର ରକ୍ଷକ ବୋଲି ଦାବି କରନ୍ତି, ସେମାନେ ଆଜି ଭାରତୀୟ ସମ୍ବିଧାନ ଏବଂ ନାରୀ ଶକ୍ତିର ଅପରାଧୀ ଭାବେ କାର୍ଯ୍ୟ କରି ଆପଣମାନଙ୍କ ସ୍ୱପ୍ନକୁ ଚୂରମାର କରି ଦେଇଛନ୍ତି । ସୀମା ପୁନଃନିର୍ଦ୍ଧାରଣ ସମ୍ପର୍କରେ ବିରୋଧୀଙ୍କ ଆଶଙ୍କାକୁ ପ୍ରତ୍ୟାଖ୍ୟାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା ସେମାନଙ୍କର ଏକ ‘ବିଭାଜନ କରି ଶାସନ କରିବା ରଣନୀତି ।’ ସେମାନେ ଆଚଂଳିକ ସ୍ୱାର୍ଥ ରକ୍ଷା କରିବାକୁ ଦାବି କରୁଛନ୍ତି, କିନ୍ତୁ ଏହି ବିଲ୍‌କୁ ଅଟକାଇ ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟଗୁଡ଼ିକ ନିଜର ପ୍ରତିନିଧିତ୍ୱ ବୃଦ୍ଧି କରିବା ଏବଂ ମହିଳାଙ୍କୁ ସଶକ୍ତ କରିବାର ଏକ ଐତିହାସିକ ସୁଯୋଗ ହରାଇଛନ୍ତି ।

# ଉତର କୋରିଆ ପୁଣି ଉଗାରିଲା ନିଆଁ ! :

## ଗୋଟିଏ ମାସରେ ଚାରି ଥର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ



ପ୍ୟୋଙ୍ଗୟାଙ୍ଗ,୧୯/୪ :ଉତର କୋରିଆ ସମୁଦ୍ର ଆଡ଼କୁ ଅନେକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରିଛି । ଦକ୍ଷିଣ କୋରିଆର ଯୁଗ୍ମ ମୁଖ୍ୟ ଅଧିକାରୀ ସୂଚନା ଦେଇଛନ୍ତି, ରବିବାର ସକାଳେ ପୂର୍ବ ଉତର କୋରିଆର ସିନପୋ ଅଚଂଳରୁ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରାଯାଇଛି । ସେ କହିଛନ୍ତି, ଦକ୍ଷିଣ କୋରିଆ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ଆମେରିକା ଓ ଜାପାନକୁ ଏସମ୍ପର୍କିତ ସୂଚନା ପ୍ରଦାନ କରିଛି । ଦକ୍ଷିଣ କୋରିଆର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କହିଛି, ଜାତୀୟ ସୁରକ୍ଷା ପରିଷଦ କ୍ଷେପଣାସ୍ତ୍ର ଉତ୍କ୍ଷେପଣ ସମ୍ପର୍କରେ ଆଲୋଚନା କରିବା ପାଇଁ ଏକ ଜରୁରୀକାଳୀନ ବୈଠକ ଡକାଇଛି । ଜାପାନର ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ କ୍ଷେପଣାସ୍ତ୍ର ଉତ୍କ୍ଷେପଣଗୁଡ଼ିକୁ ଚିହ୍ନଟ କରି କହିଛି, କ୍ଷେପଣାସ୍ତ୍ରଗୁଡ଼ିକ ଉତର କୋରିଆର ପୂର୍ବ ଉପକୂଳ ନିକଟରେ ସମୁଦ୍ରରେ ପଡ଼ିଥିବା ଅନୁମାନ କରାଯାଉଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ,ଉତର କୋରିଆ ଗୋଟିଏ ମାସରେ ଚତୁର୍ଥ ଥର ପାଇଁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରାଯାଇଛି । ଏହି ପରୀକ୍ଷଣ ଆଚଂଳିକ ଏବଂ ଅନ୍ତର୍ଜାତୀୟ ଶାନ୍ତିକୁ ବିପଦରେ ପକାଇଛି ବୋଲି କହି ଜାପାନ ପ୍ୟୋଙ୍ଗୟାଙ୍ଗ ନିକଟରେ ଏକ ଦୃଢ଼ ପ୍ରତିବାଦ ଜଣାଇଛି । ଜାପାନ ଏହା ମଧ୍ୟ କହିଛି, ଉତ୍ତର କୋରିଆ ଦ୍ୱାରା ଯେକୌଣସି ବାଲିଷ୍ଟିକ୍ କାର୍ଯ୍ୟକଳାପ ଜାତିସଂଘ ସୁରକ୍ଷା ପରିଷଦ ପ୍ରସ୍ତାବର ଉଲ୍ଲଂଘନ କରୁଛି ।

# ବିବିଧା

## ରାଶିଫଳ

## ବାରମ୍ବାର ଖାଦ୍ୟ ଗରମ
# ବଢ଼ାଏ କର୍କଟ ଆଶଙ୍କା



## ୧୨ ଡିସେମ୍ବରରେ 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'







## ଅର୍ଥନୈତିକ ବିକାଶ ପଥେ
# ଆଖଣ୍ଡଳମଣି ଏଫ୍‌ପିଓ



## ଆଳୁଲଗା ଯନ୍ତ୍ର



## ରୋଷେଇ ବର୍ଜ୍ୟରୁ ତରଳ ଔଷଧ



## ହାତରୁ ଜାଣନ୍ତୁ ମାଟିର ଆର୍ଦ୍ରତା



## କୃଷି ପାଣିପାଗ




## ଭଗବାନ ଶ୍ରୀ ପରଶୁରାମ ଜୟନ୍ତୀ ଅବସରରେ ସମ୍ବର୍ଦ୍ଧନା ଏବଂ ସାଂସ୍କୃତିକ ସମାରୋହ



ରାଉରକେଲା,୧୯/୪(ନି/ପ୍ର): ସହରର ସାମାଜିକ ସଂଗଠନ ବ୍ରାହ୍ମଣ କଲ୍ୟାଣ ସଭା ପକ୍ଷରୁ ଚଳିତ ବର୍ଷ ଭଗବାନ ଶ୍ରୀ ପର୍ଶୁରାମଙ୍କ ଜୟନ୍ତୀ ସମାରୋହ ରାଉରକେଲା ରେଲଷ୍ଟେସନ୍ ନିକଟସ୍ଥ ଅମର ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭଗବାନ ଶ୍ରୀ ପର୍ଶୁରାମଙ୍କ ଜୟନ୍ତୀ ପାଳନ ଅବସରରେ ଦୁଇ ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିନର, ସନ୍ଧ୍ୟା ୭ଟା ୩୦ରୁ ଅମର ଭବନ ପରିସରରେ ଏକ ସମ୍ମାନ ସମାରୋହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିପାଇଁ, ସମାଜର ସଭାପତି ବିନୟ ଶର୍ମାଙ୍କ ନେତୃତ୍ୱରେ ଭଗବାନ ଶ୍ରୀ ପର୍ଶୁରାମଙ୍କ ଫଟୋଚିତ୍ରରେ ସମ୍ମୁଖରେ ବ୍ରାହ୍ମଣ କଲ୍ୟାଣ ସଭାର ସଭାପତି ବିନୟ ଶର୍ମାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ କବି ଓ ସାହିତ୍ୟିକ ତଥା ବରିଷ୍ଠ ସାମ୍ବାଦିକ ଏବଂ ଦୈନିକ ଉତ୍କଳ ମେଲର ଯୁଗ୍ମ ସମ୍ପାଦକ ଡକ୍ଟର ସୁଶୀଲ ଦାହିମା ଅଭୟ ଏବଂ ମୁଖ୍ୟ ବକ୍ତା ଭାବରେ ଶିଳ୍ପପତି ଏବଂ ସମାଜସେବୀ ସନ୍ତୋଷ ପାରିକ ଯୋଗ ଦେଇଥିଲେ। ବ୍ରାହ୍ମଣ କଲ୍ୟାଣ ସଭାର ଉପାଧ୍ୟକ୍ଷ ଦିଲୀପ ଶର୍ମା, ଟିଙ୍କୁ ଚୌମଲ, ସମ୍ପାଦକ ସଞ୍ଜୟ ଶିଖୱାଲ, କାର୍ଯ୍ୟକାରୀ ସଭାପତି ଶ୍ରବଣ ପାରିକ, ସହ-ସଚିବ ପ୍ରଦ୍ୟୁମ୍ନ ଶର୍ମା, ମହେଶ ଶର୍ମା, କୋଷାଧ୍ୟକ୍ଷ ଜୟପ୍ରକାଶ ଶର୍ମା, ପୂର୍ବତନ ସଭାପତି ମନୋହର ଲାଲ ମହର୍ଷି, ରାମ ଅବତାର ଶର୍ମା, ଯୁଗଳ କିଶୋର ଶର୍ମା, ଭନବରଲାଲ ଛୋଟିଆ ଜଗଦୀଶ ହରିତ୍ ମୁରାରୀ ଲାଲ ଚୌମଲ, ବରିଷ୍ଠ ସଦସ୍ୟ ଶଶିକାନ୍ତ ଜୋଶୀ, ସୁଭାଷ ଜୋଶୀ, ସୁରେଶ ଶର୍ମା ପୁରୁଷୋତ୍ତମ ଚୌମଲଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବ୍ରାହ୍ମଣ ସମାଜର ସଭାପତି ବିନୟ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ସେ ରଜତ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ସମାଜର ସମସ୍ତ ସଦସ୍ୟଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ପୂର୍ବତନ ସଭାପତିମାନେ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ସନ୍ତୋଷ ପାରିକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଭଗବାନ ପରଶୁରାମଙ୍କ ହାତରେ ପରଶୁ ହେଉଛି ସେହି ଦଣ୍ଡ ଯାହା ଅତ୍ୟାଚାରୀମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯାଏ। କ୍ଷମତା ବିନା ନ୍ୟାୟ କେବେ କାର୍ଯ୍ୟକାରୀ ହୋଇପାରିବ ନାହିଁ। ଭଗବାନ ପରଶୁରାମଙ୍କ ଶାସ୍ତ୍ର ଭକ୍ତି, ନ୍ୟାୟ ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଥିଲା। ଶାସ୍ତ୍ରର ସୁରକ୍ଷା ଶାସ୍ତ୍ର ବିନା ହୋଇପାରିବ ନାହିଁ। ସେ ପର୍ଶୁରାମ ଭବନ ନିର୍ମାଣ ପାଇଁ ସମସ୍ତ ପ୍ରକାରର ସାହାଯ୍ୟ ଏବଂ ସହଯୋଗ ବିଷୟରେ ମଧ କହିଥିଲେ। ସମସ୍ତଙ୍କ ସହଯୋଗରେ ଏହି କାମ କରାଯାଇପାରିବ। ସେ ସମାଜର ସମସ୍ତ ଲୋକଙ୍କୁ ସମାଜ ପାଇଁ ଏକ ହୋଇ କାମ କରିବାକୁ କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡକ୍ଟର ସୁଶୀଲ ଦହିମା ସମସ୍ତଙ୍କୁ ପରଶୁରାମ ଜୟନ୍ତୀ ଏବଂ ରଜତ ଜୟନ୍ତୀର ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ ସମାଜର ଉନ୍ନତି ପାଇଁ ଯୁବପିଢ଼ି ଆଗକୁ ଆସିବା ଉଚିତ। ଯେଉଁ ସମାଜର ବିକାଶ ହୁଏ ସେ ଦ୍ରୁତ ଗତିରେ ପ୍ରଗତି କରେ। ଯୁବପିଢ଼ି ସମାଜର ମେରୁଦଣ୍ଡ। ସେମାନେ ନିଜ ନିଜ ମଧ୍ୟରେ ମତଭେଦ ଦୂର କରି ସମାଜ ପାଇଁ କାମ କରିବା ଉଚିତ। ଯଦିଓ ମତଭେଦ ଥାଏ, କୌଣସି ଶତ୍ରୁତା ରହିବା ଉଚିତ୍ ନୁହେଁ। ସେହିପରି, ନିଜର କାର୍ଯ୍ୟ କରିବା ସହିତ, ବ୍ରାହ୍ମଣମାନେ ପରଶୁରାମଙ୍କ ଆଦର୍ଶ ଏବଂ ମାର୍ଗଦର୍ଶନକୁ ଅନୁସରଣ କରିବା ଉଚିତ। ଆଜି ସମାଜର ଯୁବପିଢ଼ି ପ୍ରତ୍ୟେକ କ୍ଷେତ୍ରରେ ଆଗରେ ଅଛନ୍ତି, ଶିକ୍ଷା କ୍ଷେତ୍ର ହେଉ କିମ୍ବା ବ୍ୟବସାୟ କ୍ଷେତ୍ର ହେଉ, ସାମାଜିକ କ୍ଷେତ୍ର ହେଉ କିମ୍ବା ରାଜନୈତିକ କ୍ଷେତ୍ର, ଆଜି ଆମ ସମାଜର ଲୋକମାନେ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହର ସହିତ କାର୍ଯ୍ୟ କରୁଛନ୍ତି ଏବଂ ମହିଳା ଶକ୍ତି ମଧ ପ୍ରତ୍ୟେକ କ୍ଷେତ୍ରରେ ଆଗରେ ରହିଛି। ସେ ଆହୁରି କହିଥିଲେ ଯେ ସମାଜ ସମାଜର ଉନ୍ନତି ଏବଂ ବିକାଶ ପାଇଁ ଏକାଠି କାମ କରିବାକୁ ସମାଜ ଲୋକଙ୍କୁ ଆହ୍ୱାନ କରିଛି। ଏହି ଅବସରରେ ପୂର୍ବତନ ସଭାପତି ଏବଂ ପୂର୍ବତନ ସଚିବଙ୍କୁ ଏକ ସ୍ମାରକୀ, ଉତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସମାଜର ପିଲାମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହାକୁ ଦେଖି ସମାଜର ଲୋକମାନେ କରତାଳି ଦେଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଏହି ଅବସରରେ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଲୋକ ଏକାଠି ହୋଇ ଖାଦ୍ୟ ଖାଇଥିଲେ। କାର୍ଯ୍ୟକ୍ରମରେ ମଚଂ ପରିଚାଳନା କରିଥିଲେ ରାଜେଶ ଶର୍ମା।

## ସ୍ୱସ୍ତି ଝଙ୍କାରର ୨୭ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆସନ୍ତା ୨୦ ରୁ ଓ କବିତାୟନ ଆସନ୍ତା ୨୫ ଓ ୨୬ରେ



ରାଉରକେଲା,୧୯/୪(ନି/ପ୍ର): ରାଉରକେଲାର ଅନ୍ୟତମ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସ୍ୱସ୍ତି ଝଙ୍କାର ଓ ସ୍ୱସ୍ତି ସାହିତ୍ୟ ସଂସଦ ରାଉରକେଲା ଆୟୋଜିତ ୪୬ ତମ ବାର୍ଷିକୋତ୍ସବ ଓ ୨୬ ତମ ରାଜ୍ୟ ସ୍ତରୀୟ ନାଟକ ମହୋତ୍ସବ ଆସନ୍ତା ୨୦ ରୁ ୨୪ ତଥା କବିତାୟନ କାର୍ଯ୍ୟକ୍ରମ ୨୫ ଓ ୨୬ ତାରିଖରେ ପାଳନ କରାଯିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ପ୍ରଦାନ କରାଯାଇଛି। ସେକ୍ଟର-୬ ସ୍ଥିତ ଇସ୍ପାତ ସରୋବର ଠାରେ ଶିକ୍ଷାବିତ ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ପୌରହିତ୍ୟ ଓ ଅନୁଷ୍ଠାନର ମୁଖ୍ୟ ରାଜୀବ ପାଣିଙ୍କ ଆବାହକତ୍ୱ ତଥା ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୂଚନା ଦେଇ କୁହାଯାଇଥିଲା ଯେ ସ୍ଥାନୀୟ ସିଭିକ ସେଣ୍ଟର୍ ଠାରେ ଆସନ୍ତା ୨୦ ତାରିଖ ଦିନ ସ୍ୱସ୍ତି ଝଙ୍କାର ରାଉରକେଲା ପ୍ରାୟୋଜିତ ନାଟ୍ୟକାର ଭାବଗ୍ରାହୀ ଦାଶଙ୍କ ରଚିତ ଓ ରାଜୀବ ପାଣିଙ୍କ ନିର୍ଦ୍ଦେଶନାରେ ପ୍ରଜାପତିର ଡେଣା ମଚଂସ୍ଥ କରାଯିବ। ସେହିପରି ୨୧ ରେ ଭୁବନେଶ୍ୱରର ବାଗଦେବୀ ଲିଟେରେଚର ଟ୍ରଷ୍ଟର ନାଟ୍ୟକାର ଗଦାଧର ନନ୍ଦଙ୍କ ରଚିତ, ପବିତ୍ର ମହାନ୍ତିଙ୍କ ନିର୍ଦ୍ଦେଶନାରେ ନାଟକ ବିଦ୍ରୋହ ନିଜ ବିରୁଦ୍ଧରେ ମଚଂସ୍ଥ କରାଯିବ। ୨୨ ତାରିଖ ରେ ଢେଙ୍କାନାଳ ଅଲ୍ଟରନେଟିଭ ରିଦିମ ଥିଏଟର ର ଦେବଦାସୀ ମଚଂସ୍ଥ କରାଯିବ। ଏଥିରେ ନାଟ୍ୟକାର ଓ ନିର୍ଦ୍ଦେଶନା ଦିନେଶ ମିଶ୍ର ଦେଇଛନ୍ତି। ୨୩ ତାରିଖ ଦିନ ଦାମନଯୋଡିର ପଚଂପଛମାଳି ନାଟ୍ୟ ମହୋତ୍ସବ ତରଫରୁ କଳାମଲ୍ଲୀ ନାଟକ ମଚଂସ୍ଥ କରାଯିବ। ନାଟ୍ୟକାର ସୁଶାନ୍ତ ଦାସ ଥିବାବେଳେ ଶେଷଦେବ ଶତପଥୀ ନିର୍ଦ୍ଦେଶନା ଦେବେ। ୨୪ ତାରିଖ ଦିନ ସମ୍ବଲପୁରର କଖଗ ଅନୁଷ୍ଠାନ ତରଫରୁ ନାଟକ ଅନନ୍ୟ ମଚଂସ୍ଥ କରାଯିବ। ଏହି ନାଟକର ନାଟ୍ୟକାର ଓ ନିର୍ଦ୍ଦେଶନା ଦାୟିତ୍ୱ ବ୍ରଜେନ୍ଦ୍ର ନାୟକ ନେଇଥିବା ବେଳେ ୨୫ ତାରିଖ ଦିନ ଶବ୍ଦ, ସଂଗୀତ,ଆଲୋକ ଓ ମଚଂସଜ୍ଜାକୁ ନେଇ ଅନନ୍ୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମ କବିତାୟନ କରାଯିବ। କବିତାୟନର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ଠାରେ ଦିବା ସାଢ଼େ ଦଶ ଟାରେ ସୃଜନଶୀଳତାର ସୀମା ଓ ସମ୍ଭାବନା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ପୌରହିତ୍ୟ ରେ ଡ ଅପର୍ଣ୍ଣା ମହାନ୍ତି ଉଦଘାଟକ,ଡ ଗୌରହରି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିବେ।ଦିବା ୧୧ଟା ୪୫ରେ ଆଲୋଚ୍ୟ ପ୍ରସଙ୍ଗ ସାହିତ୍ୟର ସାର୍ଥକତା ଓ ସମକାଳୀନ ପରିପ୍ରେକ୍ଷ କାର୍ଯ୍ୟକ୍ରମରେ ଶଙ୍କର ପ୍ରସାଦ ତ୍ରିପାଠୀ ପୌରହିତ୍ୟ କରିବାକୁ ଥିବା ବେଳେ ବରେଣ୍ୟ ଅତିଥି ଭାବେ ଡ ଭଗବାନ ଜୟସିଂହ ଓ ସମ୍ମାନିତ ବକ୍ତା ଭାବେ ଡ ଦିଲ୍ଲୀପ କୁମାର ସ୍ୱାଇଁ ଓ ଅଧ୍ୟାପକ ସୁବ୍ରତ ଦାସ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିବେ। ସେହିପରି ସିଭିକ ସେଣ୍ଟର ଠାରେ ଅପରାହ୍ନ ସାଢ଼େ ୪ ଟାରେ କବିତାୟନ କାର୍ଯ୍ୟକ୍ରମରେ ଇଂ ଗୋପିନାଥ ପଟ୍ଟନାୟକ ପୌରହିତ୍ୟ କରିବେ।

## ସେଲ୍ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ୍ ହସ୍ପିଟାଲ, କର୍ଣ୍ଣିଆଲ୍ ପ୍ରତିରୋପଣ କରି ଇତିହାସରେ ଯୋଡିଛି ଆଉ ଏକ ନୂତନ ଅଧ୍ୟାୟ

ରାଉରକେଲା,୧୯/୪(ନି/ପ୍ର):ଆଚଂଳିକ ସ୍ୱାସ୍ଥ୍ୟସେବାରେ ଏକ ଯୁଗାନ୍ତକାରୀ ଉନ୍ନତି ସ୍ୱରୂପ ସେଲ୍ ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଥିବା ଇସ୍ପାତ ଜେନେରାଲ୍ ହସ୍ପିଟାଲ (ଆଇଜିଏଚ), ମାନବ ଅଙ୍ଗ ପ୍ରତିରୋପଣ ଆଇନର ସମ୍ପୂର୍ଣ୍ଣ ଅନୁପାଳନ କରି ସଫଳତାର ସହିତ କର୍ଣ୍ଣିଆଲ୍ ପ୍ରତିରୋପଣ ଆରମ୍ଭ କରିଛି। ଏହି ସଫଳତାର ମାଇଲଖୁଟଂ ସ୍ୱରୂପ ଚକ୍ଷୁ ବିଜ୍ଞାନରେ ଆଇଜିଏଚ ବର୍ଦ୍ଧିତ ବିଶେଷଜ୍ଞତା ଏବଂ କର୍ଣ୍ଣିଆଲ୍ ଅନ୍ଧତ୍ୱ ମୁକାବିଲା ଦିଗରେ ଏହାର ଉତ୍ସର୍ଗତାକୁ ଆହୁରି ସୁଦୃଢ଼ କରିବାରେ ସକ୍ଷମ ହୋଇଛି । ଉଲ୍ଲେଖନୀୟ ଯେ, 'ଇସ୍ପାତ ଦୃଷ୍ଟିଦାନ' ଚକ୍ଷୁ ବ୍ୟାଙ୍କ ଗତ ୨୦୧୪ ଅପ୍ରେଲ ଠାରୁ ଏଯାବତ ଆଇଜିଏଚରେ କାର୍ଯ୍ୟକ୍ଷମ ହେଉଅଛି। ହସ୍ପିଟାଲ୍ କର୍ଣ୍ଣିଆଲ୍ ପୁନରୁଦ୍ଧାର କାର୍ଯ୍ୟକ୍ରମ (ଏଚସିଆରପି) ର ଏକ ଅଂଶ ଭାବେ ଚକ୍ଷୁ ବ୍ୟାଙ୍କ କର୍ଣ୍ଣିଆ ଦାନ ଗ୍ରହଣ କରି ପ୍ରତିରୋପଣ ପାଇଁ ଭୁବନେଶ୍ୱରକୁ ପଠାଉଥିଲା। କିନ୍ତୁ, ଏବେ ଆଇଜିଏଚ ଓଡ଼ିଶାର ଚିକିତ୍ସା ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟରୁ 'ମାନବ ଅଙ୍ଗ ପ୍ରତିରୋପଣ ଆଇନ ୧୯୯୪' ଅଧୀନରେ କର୍ଣ୍ଣିଆଲ୍ ପ୍ରତିରୋପଣ ନିମନ୍ତେ ପଞ୍ଜିକରଣ ପାଇଁ ସ୍ୱୀକୃତି ପାଇଛି। ତେଣୁ, ସମ୍ପ୍ରତି ଦୁଇ ଜଣ ସ୍ଥାନୀୟ ବାସିନ୍ଦାଙ୍କ ଉପରେ କର୍ଣ୍ଣିଆ ପ୍ରତିରୋପଣ କରାଯାଇଥିଲା, ଯେଉଁମାନେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପରେ ଏକ ସାଧାରଣ ଜଟିଳତା - ସ୍ୟୁଡୋଫାକିକ୍ ବୁଲସ୍ କେରାଟୋପାଥି ଯୋଗୁଁ ଅତି ଦୟନୀୟ ଭାବେ ଦୃଷ୍ଟିଶକ୍ତି ହରାଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଥମ ଅସ୍ତ୍ରୋପଚାର ଗତ ଅପ୍ରେଲ ୭ ତାରିଖରେ ହୋଇଥିଲା ଏବଂ ଦ୍ୱିତୀୟଟି ଅପ୍ରେଲ ୧୬ ତାରିଖରେ ସମ୍ପନ୍ନ ହୋଇଥିଲା, ଉଭୟ ଅସ୍ତ୍ରୋପଚାର ଉତ୍କୃଷ୍ଟ ଫଳାଫଳ ପ୍ରଦାନ କରିଥିଲା ଏବଂ ରୋଗୀମାନେ ପୂର୍ବାପେକ୍ଷା ସେମାନେ ଉନ୍ନତ ଦୃଷ୍ଟି ଶକ୍ତି ଫେରି ପାଇ ଥିଲେ। ଏଥିରେ କର୍ଣ୍ଣିଆ ଏବଂ ଫାକୋ ସର୍ଜନ ଏବଂ ଚକ୍ଷୁ ବିଜ୍ଞାନର ମୁଖ୍ୟ ପରାମର୍ଶଦାତା ଡକ୍ଟର ଅନିମା ଟିଗା, ଉଭୟ ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିଲେ। ତାଙ୍କୁ ଏକ ଦକ୍ଷ ବହୁବିଧ ଦଳ ଦ୍ୱାରା ସମର୍ଥନ କରାଯାଇଥିଲା ଯେଉଁଥିରେ ଡାକ୍ତର ହେନା ହେମ୍ବ୍ରାମ ଓ ଶିଷ୍ଟର ନମିତା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଅସ୍ତ୍ରୋପଚାରଗୁଡ଼ିକ ଅନ୍ତର୍ଜାତୀୟ ମାନଦଣ୍ଡ ପାଳନ କରାଯାଇଥିଲା। କ୍ଷତିଗ୍ରସ୍ତ କର୍ଣ୍ଣିଆ ଟିସୁକୁ ସୁସ୍ଥ ଦାତା ଗ୍ରାଫ୍ଟ ସହିତ ବଦଳାଇବା ପାଇଁ ଉନ୍ନତ କୌଶଳ ନିୟୋଜିତ କରାଯାଇଥିଲା, ଯାହା ସଠିକତା ଏବଂ ସର୍ବନିମ୍ନ ଆରୋଗ୍ୟ ସମୟକୁ ସୁନିଶ୍ଚିତ କରିଥିଲା। ଏହି ସଫଳତା, ଆଇଜିଏଚ ଅନ୍ଧତ୍ୱ ଏବଂ ଦୃଷ୍ଟି ଅକ୍ଷମତା ନିୟନ୍ତ୍ରଣ ପାଇଁ ଜାତୀୟ କାର୍ଯ୍ୟକ୍ରମ ପରି ଜାତୀୟ ପଦକ୍ଷେପ ସହିତ ସମନ୍ୱୟ ରଖି ଏହାର ଚକ୍ଷୁ ଯତ୍ନ ସୁବିଧାଗୁଡ଼ିକୁ ବିସ୍ତାର କରିବାକୁ ପ୍ରସ୍ତୁତ ଅଛି ।



## ଓଡ଼ିଆ ସ୍ୱାଭିମାନ ମଧୁବାବୁଙ୍କ ସ୍ୱପ୍ନ ଦିଗନ୍ତ ବିସ୍ତାରୀ

ରାଉରକେଲା,୧୯/୪(ନି/ପ୍ର): ଜେଲ ରୋଡ ସ୍ଥିତ ପଦ୍ମାବତୀ ମେମୋରିଆଲ ହଲ ରେ ରାଉରକେଲା ଅନ୍ୟତମ ସାହିତ୍ୟ ଅନୁଷ୍ଠାନ ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ମାସିକ ସାହିତ୍ୟ ସଭା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ମାସିକ ସାହିତ୍ୟ ଆସରରେ ମୁଖ୍ୟଅତିଥିଭାବେ ଶିକ୍ଷାବିତ ବିଜୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ବିଚିତ୍ରାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର କୁମାର ବଳ ଓ ସୁମନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ ଓ ଡ ଉମାକାନ୍ତ ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଓଡ଼ିଆ ସ୍ୱାଭିମାନ ମଧୁବାବୁଙ୍କ ସ୍ୱପ୍ନ ଦିଗନ୍ତ ବିସ୍ତାରୀ ବିଷୟ ବସ୍ତୁ ଉପରେ ବିଭିନ୍ନ ବକ୍ତା ମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ ଓ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫେସର. ସୁବାସ ଚନ୍ଦ୍ର ଲେଙ୍କା ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ସାହୁ କହିଥିଲେ ଯେ, ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସ ଜ୍ଞାନ ଓ ବିଚକ୍ଷଣ ଧୀମତାର ଶୀର୍ଷାରୋହଣ କରିଥିବା ତଥା ପ୍ରଥମ ବାରିଷ୍ଟର ଓ ବହୁ କ୍ଷେତ୍ରରେ ଓଡ଼ିଶାରେ ପ୍ରଥମ ବ୍ୟକ୍ତି ଥିଲେ ଓ ମଧୁସୂଦନଙ୍କ ଜୀବନ କାଳ ହିଁ ଓଡିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ ଓଡ଼ିଶାର ଧର୍ମ, ସଂସ୍କୃତି, ପରମ୍ପରା, ଐତିହ୍ୟ ,ସାହିତ୍ୟ, ରାଜନୀତି ଓ ଅର୍ଥନୀତି କୁ ସେ ବହୁବାର ପରିପୃଷ୍ଟ କରିଥିଲେ ଓ ମୁଖ୍ୟବକ୍ତା ଶ୍ରୀ ସାହୁ ନିଜ ବକ୍ତବ୍ୟରେ ମଧୁବାବୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ ଓ ସମ୍ମାନିତ ଅତିଥି ସୁମନ୍ତ କୁମାର ପଣ୍ଡା ,ସମାଜସେବୀ ଅନୀଲ କୁମାର ଦାଶ ଓ ଦେବେନ୍ଦ୍ର କୁମାର ବଳ ନିଜ ନିଜର ବକ୍ତବ୍ୟରେ ମଧୁବାବୁଙ୍କ ସ୍ମୃତି ଚାରଣ କରି କହିଲେ କି, ମଧୁବାବୁ ଥିଲେ ଅସାମାନ୍ୟ ପ୍ରତିଭାର ଅଧିକାରୀ ଓ ଦିତୀୟ ପର୍ଯ୍ୟାୟରେ କବି ବଳରାମ ଦାଶ ଙ୍କ ଅଧ୍ୟକ୍ଷତାରେ ୩୦ ଜଣ କବିଙ୍କୁ ନେଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ଓ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ କବି ଅଜୟ କୁମାର ପାଣି ,କବି ତାରିଣୀ ଚରଣ ସାହୁ ପ୍ରମୁଖ ଯୋଗଦେଇଥଲା ବେଳେ, କବୀ ଉର୍ବଶୀ ଦାଶ ପତି, କନକଲତା ଜେନା ଓ ସୁଶ୍ରୀ ସଂଗୀତା ଦାଶ ପ୍ରମୁଖ ସଂଯୋଜନା କରିଥିଲେ ଓ ଅଂଶୁପା ଦଳେଇ, ପ୍ରଶାନ୍ତ ନାୟକ, ବିପିନ ବିହାରୀ ପଟ୍ଟନାୟକ, ବ୍ରହ୍ମାନଂଦ ପାଢୀ, ସୁନିଲ କୁମାର ମହାନ୍ତି, କୁଞ୍ଜ ବିହାରୀ ରାଉତ, ଜ୍ଞାନ ପ୍ରଭା ର ସମ୍ପାଦକ ପ୍ରଣତି ଲେଙ୍କା, ବିନୋଦ ମହାକୁଡ ପ୍ରମୁଖ କବିତା ପାଠ କରିଥିଲେ ଓ ଶେଷରେ କବି ଅନିଲ କୁମାର ଦାଶ ସମସ୍ତ ଙ୍କୁ ଧନ୍ୟବାଦ ଦେଇଥିଲେ ଓ ଏହି ଅବସରରେ ଡ ଉମାକାନ୍ତ ପଣ୍ଡାଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଡ ଶକ୍ତିପ୍ରସାଦ ସାମନ୍ତରାୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନ ତରଫରୁ ଶୀତଳ ଜଳ ବଟଂନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।



## ବାଇଲମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରୋଷେଇ ଘରେ ଅଗ୍ନିକାଣ୍ଡ, ବ୍ୟାପକ କ୍ଷୟକ୍ଷତି



କୁତ୍ରା,୧୯/୪(ନି/ପ୍ର): କୁତ୍ରା ବ୍ଲକ୍ ଅନ୍ତର୍ଗତ ବାଇଲମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରୋଷେଇ ଘରେ ଆଜି ସକାଳେ ହଠାତ୍ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି। ସକାଳୁଆ ସ୍କୁଲ୍ ଚାଲିଥିବା ବେଳେ ପ୍ରତିଦିନ ପରି ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ପହଚିଂବା ସମୟରେ ରୋଷେଇ ଘରରୁ ଧୁଆଁ ବାହାରୁଥିବା ଏବଂ ଭିତରେ ଭୟାବହ ଭାବେ ନିଆଁ ଜଳୁଥିବା ଦେଖିଥିଲେ। ଏହା ଦେଖି ସ୍କୁଲ୍ ପରିସରରେ ଭୟ ଓ ଆତଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା । ଘଟଣା ସମ୍ବନ୍ଧରେ ତୁରନ୍ତ ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଚିଂ ଦୀର୍ଘ ସମୟର ପ୍ରୟାସ ପରେ ନିଆଁକୁ ନିୟନ୍ତ୍ରଣ କରିପାରିଥିଲେ। ତଥାପି ଏହି ଅଗ୍ନିକାଣ୍ଡରେ ରୋଷେଇ ଘରର ଅନେକ ସାମଗ୍ରୀ ପୁଡ଼ି ନଷ୍ଟ ହୋଇଥିବାରୁ ବିଦ୍ୟାଳୟର ବ୍ୟାପକ କ୍ଷତି ଘଟିଛି। ସ୍ଥାନୀୟ ଲୋକମାନଙ୍କ ମତାନୁସାରେ, କେହି ଦୁର୍ବୃତ୍ତ ଇଚ୍ଛାକୃତ ଭାବେ ରୋଷେଇ ଘରକୁ ନିଆଁ ଲଗାଇଦେଇଥିବା ସନ୍ଦେହ କରାଯାଉଛି। ତେବେ କିଏ ଏବଂ କାହିଁକି ଏହି କାଣ୍ଡ ଘଟାଇଲା, ତାହା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ସୌଭାଗ୍ୟବଶତଃ ଏହି ଅଗ୍ନିକାଣ୍ଡରେ କାହାରି ପ୍ରାଣହାନି କିମ୍ବା ଆହତ ଘଟିନାହିଁ। ଘଟଣାକୁ କେନ୍ଦ୍ର କରି ଅଚଂଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ପ୍ରଶାସନ ତଦନ୍ତ ଆରମ୍ଭ କରିଛି।

## ସଶକ୍ତି ନାରୀ, ସଶକ୍ତ ଭାରତ, ଅସୁରାଳିରେ ଫିଟ୍ ଇଣ୍ଡିଆ ରନ୍ ଫର୍ ୱେମେନ୍‌ରେ ୨ ହଜାରରୁ ଅଧିକ ମହିଳାଙ୍କ ଯୋଗଦାନ

ଭଦ୍ରକ,୧୯/୪(ନି/ପ୍ର): ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ, ଫିଟ୍ ଇଣ୍ଡିଆ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନର ସମ୍ମିଳିତ ପ୍ରୟାସରେ ଧାମନଗର ବ୍ଲକର ଅସୁରାଳିଠାରେ "ସଶକ୍ତି ନାରୀ, ସଶକ୍ତ ଭାରତ" ଶୀର୍ଷକରେ ଫିଟ୍ ଇଣ୍ଡିଆ ରନ୍ ଫର୍ ୱେମେନ କାର୍ଯ୍ୟକ୍ରମ ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନ ଦୌଡ଼, ପଦଯାତ୍ରା ଓ ମହିଳା ସମାବେଶରେ ୨୦୦୦ରୁ ଅଧିକ ମହିଳା ଯୋଗଦେଇ ନାରୀ ସଶକ୍ତିକରଣର ଏକ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ।ଏହି ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ମନସ୍ମିତା ଖୁଂଟିଆ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ରବି ନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡା ଅଧିକାରୀ ଦେବବ୍ରତ ମହାପାତ୍ର, ମାନ୍ୟବର ମନ୍ତ୍ରୀ କ୍ରୀଡା ବିଭାଗଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ନାରୀନେତ୍ରୀ ରଞ୍ଜିତା ସ୍ୱାଇଁ, କଳ୍ପନା ଜେନା, ଉମାମଣି ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଣୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀମତୀ ଖୁଂଟିଆ କହିଥିଲେ ଯେ, "ନାରୀ କେବଳ ପରିବାରର ଆଧାର ନୁହେଁ, ସେ ସମାଜ ଓ ରାଷ୍ଟ୍ରର ଉନ୍ନତିର ମୂଳ ଶକ୍ତି। ନାରୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ସ୍ୱାବଲମ୍ବନ ନିଶ୍ଚିତ ହେଲେ ଦେଶ ଆହୁରି ସଶକ୍ତ ହେବ।" ଜିଲ୍ଲାପାଳ ଶ୍ରୀ ରାଉତରାଏ ମହିଳା ସଶକ୍ତିକରଣ ଉପରେ ମତ ପ୍ରକାଶ କରି କହିଥିଲେ ଯେ, "ନାରୀମାନେ ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ନୂଆ ଇତିହାସ ରଚନା କରୁଛନ୍ତି। ସେମାନଙ୍କୁ ସୁଯୋଗ ଓ ସମ୍ମାନ ଦେବା ହେଉଛି ସମାଜର ପ୍ରାଥମିକ କର୍ତବ୍ୟ।" ଏହି ଅବସରରେ ଭଦ୍ରକ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କିଛି ପ୍ରତିଭାଶାଳୀ ନାରୀଙ୍କୁ ସମ୍ମାନିତ କରାଯାଇଥିଲା।

## ଆରଏସପିର ସେକେଣ୍ଡାରୀ ଷ୍ଟିଲ୍ ଷ୍ଟକୟାର୍ଡରେ ନବୀକୃତ ପ୍ରବେଶ ଏବଂ ବିଶ୍ରାମ ଗୃହ ଉଦ୍‌ଘାଟିତ



ରାଉରକେଲା,୧୯/୪(ନି/ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି )ର ଦ୍ୱିତୀୟ ଷ୍ଟିଲ୍ ଷ୍ଟକୟାର୍ଡର ନବୀକୃତ ପ୍ରବେଶ ଏବଂ ବିଶ୍ରାମ ଗୃହ ଏପ୍ରିଲ ୧୮ ତାରିଖରେ କାରଖାନାର ଭରପ୍ରାପ୍ତ ନିର୍ଦ୍ଦେଶକ (ଡି ଆଇ ସି ) ଶ୍ରୀ ଆଲୋକ ବର୍ମାଙ୍କ ଦ୍ୱାରା ଉଦ୍ଘାଟିତ ହୋଇଛି । ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ (ଖଣି ବିକାଶ-ସିଏମଏଲଓ) ଶ୍ରୀ ବି.କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ), ଶ୍ରୀ ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ), ଶ୍ରୀ ଏସ. ପାଲଚୌଧୁରୀ, ଭାରପ୍ରାପ୍ତ ସିଜିଏମ୍ (ସେବା), ଶ୍ରୀ ଆତିଶ ଚନ୍ଦ୍ର ସରକାର, ଅନେକ ମୁଖ୍ୟ ମହାପ୍ରବନ୍ଧକ, ମାର୍କେଟିଂ ଏବଂ ଏମଏମ ବିଭାଗର ଅନେକ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଡି ଆଇ ସି କହିଥିଲେ ଯେ କର୍ମଚାରୀ ଗଣ ପ୍ରାୟତଃ ଘର ଅପେକ୍ଷା କର୍ମ ସଂସ୍ଥାନରେ ଅଧିକ ସମୟ ବିତାଇଥାନ୍ତି, ତେଣୁ କର୍ମକ୍ଷେତ୍ର ଏକ ଦ୍ୱିତୀୟ ଘର ପରି ଅନୁଭବ ହେବା ଉଚିତ ଯେଉଁଠାରେ ଖୁସି ଏବଂ ପ୍ରେରଣା ଅନୁଭବ ହେବ । ସେ ରେକର୍ଡ ବିକ୍ରୟ ହାସଲ କରି, ଇସ୍ପାତର ବୃତାକାର ଅର୍ଥନୀତିକୁ ସୁଦୃଢ଼ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ମାର୍କେଟିଂ ବିଭାଗ ଏବଂ ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ)ଙ୍କୁ ପ୍ରଶଂସା କରିଥିଲେ। ଡିଆଇସି ବର୍ଜ୍ୟ ସାମଗ୍ରୀ ସ୍ଲାଗର ରେକର୍ଡ ନିଷ୍କାସନ ପାଇଁ ଏ ଅବସରରେ ଏମଆରଡି ଏବଂ ସିଆଇଏସଏଫର ପ୍ରୟାସକୁ ମଧ ପ୍ରଶଂସା କରିଥିଲେ ଓ ଏହା କାର୍ଯ୍ୟ ଦକ୍ଷତା ଏବଂ ସ୍ଥାୟୀତ୍ୱ ମାର୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କହିଥିଲେ। ଶ୍ରୀ ଅନିଲ କୁମାର ନବୀକରଣ କାର୍ଯ୍ୟରେ ମାର୍ଗଦର୍ଶନ ପାଇଁ ଡିଆଇସି ଏବଂ ସହାୟତା ନିମନ୍ତେ ସମ୍ପୃକ୍ତ ଏଜେନ୍ସିଗୁଡ଼ିକ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ଷ୍ଟକୟାର୍ଡର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉଲ୍ଲେଖନୀୟ ଯେ, ନବୀକରଣର ସମସ୍ତ କାର୍ଯ୍ୟ ସିଭିଲ୍ ଇଞ୍ଜିନିୟରିଂ ସେବା ଏବଂ ସିଏମଏମ ମେକାନିକାଲ୍ ସହାୟତାରେ ଅନ୍ତଃପ୍ରୟାସ ରେ ସମାହିତ ହୋଇଛି। ଏହି କାର୍ଯ୍ୟକ୍ରମ କୁ ମାର୍କେଟିଂ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ପି ମିଞ୍ଜ୍ ପରିଚାଳନା କରିଥିଲେ। ଉଲ୍ଲେଖନୀୟ ଯେ କାର୍ଯ୍ୟକ୍ଷେତ୍ର ସୌନ୍ଦର୍ଯ୍ୟକୁ ଉନ୍ନତ କରିବା ଏବଂ କର୍ମଚାରୀମାନଙ୍କ ପାଇଁ ଏକ ଉତମ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଇ ଉକ୍ତ ପ୍ରବେଶ ଏବଂ ଅଫିସ ଭିତ୍ତିଭୂମିର ନବୀକରଣ କରାଯାଇଛି। ଉନ୍ନତ ସୁବିଧାଗୁଡ଼ିକ ଲଜିଷ୍ଟିକ୍ସକୁ ସୁଗମ କରିବା, ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଷ୍ଟକୟାର୍ଡ ଯାତାୟତକୁ ସୁଗମ କରିବା ଆଶା କରାଯାଉଛି।